## ‘ସମ୍ବାଦ’-‘ଆମ ଓଡ଼ିଶା’ ତରଫରୁ ରାଜ୍ୟସ୍ତରୀୟ
## ଚିତ୍ରାଙ୍କନ, ହସ୍ତାକ୍ଷର ଓ ଭାଷାଜ୍ଞାନ-ପ୍ରବନ୍ଧ ପ୍ରତିଯୋଗିତା

# ଭାଗ ନେଲେ ୭୫ ହଜାର ପରୀକ୍ଷାର୍ଥୀ

‘ସମ୍ବାଦ’-‘ଆମ ଓଡ଼ିଶା’ ତରଫରୁ ରାଜ୍ୟର ସମସ୍ତ ବ୍ଲକ୍,ମ୍ୟୁନିସିପାଲିଟି ଓ ଏନ୍ ଏସି ଅଞ୍ଚଳରେ ସ୍କୁଲ୍ ଛାତ୍ରଛାତ୍ରୀ ମାନଙ୍କ ଲାଗି ଚିତ୍ରାଙ୍କନ,ହସ୍ତାକ୍ଷର ଓ ଭାଷାଜ୍ଞାନ-ପ୍ରବନ୍ଧ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୭୫ ହଜାର ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । ଭାଷାଜ୍ଞାନ ପରୀକ୍ଷାରେ ସର୍ବାଧିକ ୩୧,୬୨୩ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ହସ୍ତାକ୍ଷରରେ ୨୩,୨୭୬ ଓ ଚିତ୍ରାଙ୍କନରେ ୧୯,୮୫୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ରାଜ୍ୟର ମୋଟ ୩୪୨ଟି କେନ୍ଦ୍ରରେ ଆଜି ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲା । ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପରୀକ୍ଷାରେ ଭାଗ ନେଇଥିବା ବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀମାନେ ହସ୍ତାକ୍ଷର ଏବଂ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଭାଷାଜ୍ଞାନ ଓ ପ୍ରବନ୍ଧ ପରୀକ୍ଷାରେ ଭାଗ ନେଇଥିଲେ । ରାଜ୍ୟର ୩୦ଟି ଜିଲ୍ଲାକୁ ୮ଟି ଜୋନରେ ବିଭକ୍ତ କରାଯାଇ ଏହି ପରୀକ୍ଷାକୁ ଆୟୋଜନ କରାଯାଇଥିଲା । ଏହି ପରୀକ୍ଷାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ୧ମ,୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆଜି ସଂପୃକ୍ତ ପରୀକ୍ଷା କେନ୍ଦ୍ରରେ ପୁରସ୍କୃତ କରାଯାଇଥିବା ବେଳେ ଆଜିର ସଫଳ ପ୍ରତିଯୋଗୀମାନଙ୍କ ମଧ୍ୟରୁ ରାଜ୍ୟସ୍ତରରେ ୧ମ, ୨ୟ ଓ ୩ୟ  ପ୍ରତିଯୋଗୀ ଚୟନ କରାଯାଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ପୁରସ୍କୃତ କରାଯିବାର ମଧ୍ୟ କର୍ଯ୍ୟକ୍ରମ ରହିଛି ।

**ଅନୁଗୁଳ ଜୋନରେ** ,ଢ଼େଙ୍କାନାଳ ଓ କେନ୍ଦୁଝର ଜିଲ୍ଲାପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷା ଆୟୋଜିତ ହୋଇଥିଲା । ଅନୁଗୁଳ ଜିଲ୍ଲାରେ ୨୪୪୮ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନରେ ୬୬୩ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୬୮୮ ଓ ଭାଷାଜ୍ଞାନରେ ୧୦୯୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ସେହିପରି ଢ଼େଙ୍କାନାଳ ଜିଲ୍ଲାରେ

୧୨୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଚିତ୍ରାଙ୍କନରେ ୩୪୨ ଜଣ ପ୍ରତିଯୋଗୀ ଭାଗନେଇଥିବା ବେଳେ ହସ୍ତାକ୍ଷରରେ ୩୫୨ ଓ ଭାଷାଜ୍ଞାନରେ ୫୨୪ ଜଣ ଭାଗ ନେଇଥିଲେ । କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକ୍ ପାଇଁ ୧୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । ଏଥିରେ ଜିଲ୍ଲାର ୨୦୭୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ଚିତ୍ରାଙ୍କନରେ ୬୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୭୬୨ ଓ ଭାଷାଜ୍ଞାନରେ ୬୯୮ ଜଣ ଭାଗ ନେଇଥିଲେ ।

**ବାଲେଶ୍ୱର ଜୋନରେ** ବାଲେଶ୍ୱର,ଭଦ୍ରକ,ରାଇରଙ୍ଗପୁର ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷା ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍ ପାଇଁ ୧୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । ଏଥିରେ ଜିଲ୍ଲାର ସର୍ବମୋଟ ୩୩୯୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଏମାନଙ୍କ ମଧ୍ୟରୁ ଚିତ୍ରାଙ୍କନରେ ୯୧୫ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୧୧୦୯ ଜଣ ଓ ଭାଷାଜ୍ଞାନରେ ୧୩୬୭ ଜଣ ଭାଗ ନେଇଥିଲେ ।ସେହିପରି ଭଦ୍ରକ ଜିଲ୍ଲା ପାଇଁ ୮ଟି ପରୀକ୍ଷା କେନ୍ଦ୍ର ହୋଇଥିଲା ।ଏଥିରେ ଜିଲ୍ଲାର ୧୫୮୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଏମାନଙ୍କ ମଧ୍ୟରୁ ଚିତ୍ରାଙ୍କନରେ ୩୮୧ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୬୧୭ ଓ ଭାଷାଜ୍ଞାନରେ ୫୭୪ ଜଣ ଭାଗ ନେଇଥିଲେ ।ରାଇରଙ୍ଗପୁର ଜିଲ୍ଲାର ୧୨ଟି ବ୍ଲକ୍ ପାଇଁ ୧୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । ଏଥିରେ ଜିଲ୍ଲାର ୩୫୭୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ  କରିଥିଲେ ।ଏମାନଙ୍କ ମଧ୍ୟରୁ ଚିତ୍ରାଙ୍କନରେ ୯୦୬ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ହସ୍ତାକ୍ଷରରେ ୧୩୯୫ ଓ ଭାଷାଜ୍ଞାନରେ ୧୨୭୦ ଜଣ ଭାଗ ନେଇଥିଲେ । ସେହିପରି ମୟୁରଭଞ୍ଜ ଜିଲ୍ଲାର ୧୪ଟି ବ୍ଲକ୍ ପାଇଁ ୧୪ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । ଏଥିରେ ୩୧୮୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।